## ତାଲିକାରେ ତଳଆଡୁ ଷଷ୍ଠରେ, ଜାତୀୟ ହାରଠୁ ବହୁ ପଛରେ ଓଡ଼ିଶା

# ଚାଷୀ ପରିବାରଙ୍କ ଆୟ ୪୯୭୬ ଟଙ୍କା

**ପ୍ରକାଶ ସେଠୀ, ଭୁବନେଶ୍ୱର, ୧୫।୫ :**

ଓଡ଼ିଶାର ଚାଷୀ ପରିବାରର ଆର୍ଥିକ ସ୍ଥିତି ଦୟନୀୟ । ଚାଷୀଙ୍କ ଉପାର୍ଜନ ଦ୍ୱିଗୁଣିତ କରିବାରେ ଦେଶରେ ପ୍ରଥମ ରାଜ୍ୟ ବୋଲି ଓଡ଼ିଶା ଦାବି କରୁଥିବାବେଳେ ଉପାର୍ଜନ କ୍ଷେତ୍ରରେ ସମଗ୍ର ଦେଶରେ ତଳଆଡୁ ୬ଷ୍ଠ ସ୍ଥାନରେ ରହିଛି । ଓଡ଼ିଶାର ପ୍ରତ୍ୟେକ ଚାଷୀ ପରିବାରର ହାରାହାରି ମାସିକ ଉପାର୍ଜନ ମାତ୍ର ୪୯୭୬ ଟଙ୍କା । ଯାହାକି ଜାତୀୟ ହାର ତୁଳନାରେ ୧୪୫୦ ଟଙ୍କା କମ୍ ବୋଲି ଜଣାପଡ଼ିଛି ।

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ତଥ୍ୟ ଅନୁସାରେ ସମଗ୍ର ଦେଶରେ ଚାଷୀ ପରିବାରର ଉପାର୍ଜନ କ୍ଷେତ୍ରରେ ବିହାର ସବୁଠୁ ପଛରେ ରହିଛି । ବିହାରରେ ଚାଷୀ ପରିବାରର ମାସିକ ଆୟ ମାତ୍ର ୩୫୫୮ ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗରେ ଏହା ୩୯୮୦ଟଙ୍କା । ଉତ୍ତରାଖଣ୍ଡରେ ୪୭୦୧ଟଙ୍କା, ଝାଡ଼ଖଣ୍ଡରେ ୪୭୨୧ ଟଙ୍କା ଓ ଉତ୍ତରପ୍ରଦେଶରେ ଚାଷୀ ପରିବାରର ଉପାର୍ଜନ ୪୯୨୩ ଟଙ୍କା ରହିଛି । ସମଗ୍ର ଦେଶରେ ପଞ୍ଜାବର ଚାଷୀ ପରିବାରର ମାସିକ ଉପାର୍ଜନ ସର୍ବାଧିକ ୧୮,୦୫୯ ଟଙ୍କା ଥିବାବେଳେ ତା'ପଛକୁ ହରିଆଣାର ଚାଷୀ ପରିବାରର ଆୟ ୧୪,୪୩୪ ଟଙ୍କା ଟଙ୍କା ରହିଛି । ତା'ପଛକୁ ଜମ୍ମୁ କଶ୍ମୀରର ଚାଷୀଙ୍କ ଆୟ ୧୨,୬୮୩ ଟଙ୍କା ଓ କେରଳର ଚାଷୀ ପରିବାରର ହାରାହାରି ଉପାର୍ଜନ ୧୧,୮୮୮ ଟଙ୍କା ରହିଛି ।

ତଥ୍ୟ ଅନୁସାରେ, ଓଡ଼ିଶାରେ ଗୋଟିଏ ଚାଷୀ ପରିବାର ମଜୁରି ବାବଦରେ ମାସକୁ ୧୭୧୬ଟଙ୍କା, ଫସଲ ଉତ୍ପାଦନରୁ ୧୪୦୭ଟଙ୍କା, ପଶୁପାଳନରୁ ୧୩୧୪ଟଙ୍କା ଓ ଅଣକୃଷି କାର୍ଯ୍ୟରୁ ୫୩୯ଟଙ୍କା ପ୍ରତିମାସରେ ଉପାର୍ଜନ କରନ୍ତି । ଯାହାକି ମୋଟ ୪୯୭୬ ଟଙ୍କା । କିନ୍ତୁ ଜାତୀୟସ୍ତରରେ ଗୋଟିଏ ଚାଷୀ ପରିବାର ମାସକୁ ମଜୁରି ବାବଦରେ ହାରାହାରି ୨୦୭୧ ଟଙ୍କା, ଫସଲ ଉତ୍ପାଦନରୁ ୩୦୮୧ ଟଙ୍କା, ପଶୁପାଳନରୁ ୭୬୩ଟଙ୍କା ଓ ଅଣକୃଷି ବାବଦରେ ୫୧୨ ଟଙ୍କା ଉପାର୍ଜନ କରିଥାନ୍ତି । ଏଭଳି ଭାବେ ମୋଟ ଉପାର୍ଜନ ୬୪୨୬ ଟଙ୍କା । ସେହିପରି ଏକ ହେକ୍ଟରରୁ କମ୍ ଚାଷ ଜମି ଥିବା ଓଡ଼ିଶାର ଚାଷୀ ପରିବାର ଉପରେ ହାରାହାରି ୧୩,୧୦୦ ଟଙ୍କାର ଋଣବୋଝ ରହିଛି ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟର ଏକ ରିପୋର୍ଟରୁ ଜଣାପଡ଼ିଛି ।

ସୂଚନାଯୋଗ୍ୟ, ଓଡ଼ିଶା ସରକାର ୨୦୧୬-୧୭ ମସିହାରୁ ରାଜ୍ୟର ଚାଷୀଙ୍କ ଆୟ ଦୁଇଗୁଣ ହୋଇଛି ବୋଲି ଦାବି କରୁଛନ୍ତି । ତଥାପି ରାଜ୍ୟର ଚାଷୀ ସମଗ୍ର ଦେଶରେ ଅନ୍ୟ ୨୪ଟି ରାଜ୍ୟ ତୁଳନାରେ ପଛରେ ରହିଥିବା କେନ୍ଦ୍ର ସରକାରଙ୍କ ରିପୋର୍ଟ କହିଛି ।